মারোটি এবং অন্যমানে

*বনাম*

দেবরাও এবং অন্যমানে

17 নভেম্বর 1998

[সুজাতা ভি. মনোহর এবং জি. বি. পট্টনায়ক, ন্যায়মূর্ত্তিদ্বয়]

*হাইদ্রাবাদ প্রজাস্বত্ব এবং কৃষি জমি অধিনিয়ম, 1950 (সংশোধন অধিনিয়ম, 1955 দ্বারা সংশোধিত) : ধারাগুড়িক 8 2(w), 34, 37A (1) - পরন্তুক 87*

*সুরক্ষিত প্রজাস্বত্ব –'দাবি করিবার অধিকার – মূল অপিলকারী এবং মূল উত্তরদাতাঙ্ক মধ্যরে বিবাদ – 19.12.1956 রে ডেপুটি কলেক্টরঙ্ক দ্বারা মূল উত্তরদাতাঙ্কু ধারা 34 অনুযায়ী সুরক্ষিত রয়তঙ্ক প্রমাণপত্র প্রদান করাযাইথিলা – মূল অপিলকারীঙ্ক দাবি যে, 12.3.1956 রে যেতেবেলে এহি অধিনিয়মরে ধারা 37A যোড়া যাইথিলা সেতেবেলে সে জমি দখলরে থিলে – সে ধারা 37A অনুযায়ী সুরক্ষিত রয়তর প্রমাণপত্র পাইথিলে – ধারা 37A র পরন্তুক অনুযায়ী উত্তরদাতাঙ্ক অধিকার উচ্ছেদ হোইছি বোলি তাঙ্ক দ্বারা দাবি করাযাইথিলা – নির্ণ্ণয় করাগলা – পরন্তুক এহা স্পষ্ট করুছি যে ধারা 37A(1) কৌণসি ব্যক্তিঙ্ক অধিকারকু প্রভাবিত করিব নাহিঁ যিএ পূর্বরু এক সুরক্ষিত রয়ত ভাবরে প্রমাণপত্র ধারণ করিছন্তি কিম্বা যাহাঙ্ক; অণ-সংশোধিত অধিনিয়ম অনুযায়ী এক সুরক্ষিত রয়ত ভাবরে অধিকার এক সক্ষম কর্ত্তৃপক্ষঙ্ক সম্মুখরে তদন্তাধীন অছি – যেউঁ ক্ষেত্ররে ধারা 2(w)(ii) অনুযায়ী কৌণসি ন্যায়াধিকরণ গঠন করাযাইনাহিঁ, সেহি ক্ষেত্ররে ধারা 87র উপধারা (4) অনুযায়ী ক্ষমতাপ্রাপ্ত ডেপুটি কলেক্টর কিম্বা অন্য অধিকারী ন্যায়াধিকরণ হেবে – বর্ত্তমানর মামলারে যেহেতু উত্তরদাতাঙ্ক দ্বারা সুরক্ষিত রয়ত হেবার দাবি উপরে ডেপুটি কলেক্টরঙ্ক দ্বারা তদন্ত করাযাউথিলা, যিএ ধারা 37 A(1)র পরন্তুক দ্বারা ন্যায়াধিকরণ মধ্য থিলে, উচ্চ ন্যায়ালয় কহিছন্তি যে এক পৃথক আবেদন আবশ্যক নুহেঁ এবং উত্তরদাতাঙ্ক দ্বারা সুরক্ষিত রয়ত দাবি করুথিবা কার্য্যানুষ্ঠানর অনুসরণ – এহি পরিস্থিতিরে, ধারা 37 Aর পরন্তুক অনুযায়ী তাঙ্ক অধিকারকু সুরক্ষা দেবা পাইঁ ন্যায়াধিকরণ নিকটরে এক আবেদন ভাবরে বিবেচনা করাযাইপারিব – এহার সম্পূর্ণ্ণ কারণ হেউছি যেউঁ কর্ত্তৃপক্ষঙ্ক নিকটরে আবেদন বিচারাধীন থিলা, ব্যবস্থা অনুযায়ী সেহি কর্ত্তৃপক্ষ ন্যায়াধিকরণ সহিত সমান কর্ত্তৃপক্ষ অটন্তি – সেহি সমান ন্যায়াধিকরণ শেষরে উত্তরদাতাঙ্কু 19.12.56রে সুরক্ষিত রয়ত প্রমাণপত্র প্রদান করিছন্তি –এহি প্রমাণপত্র অধীনরে দর্শাযাইছি অধিকারকু এহি পরিস্থিতিরে উচ্ছেদ বোলি ধরাযাইপারিব নাহিঁ – উচ্চ ন্যায়ালয় মূল উত্তরদাতাঙ্ক দাবিকু যথার্থরে বজায় করিথিলে ।*

দেওয়ানী অপিল ক্ষেত্রাধিকার : দেওয়ানী অপিল সংখ্যা 5417/1994

ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଡବ୍ଲ୍ୟୁ.ପି. ସଂଖ୍ୟା 1347/1986ରେ ତା.3.4.90ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏସ୍. ଭି. ତାମ୍ବୱେକର ।

ଉତ୍ତରଦାତାମାନଙ୍କ ପାଇଁ ଭି. ଏନ୍. ଗଣପୁଲେ, ଏସ୍. ବିଶ୍ୱଜିତ୍ ମେଇତେଇ ଏବଂ ଏସ୍. କେ. ଅଗ୍ନିହୋତ୍ରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମୂଳ ଅପିଲକାରୀ ଏବଂ ମୂଳ ଉତ୍ତରଦାତାଙ୍କ ମଧ୍ୟରେ ସମାନ କାର୍ଯ୍ୟାନୁଷ୍ଠାନରେ ଦେୱାନୀ ଅପିଲ ସଂଖ୍ୟା 306/1966ରେ ଏହି ନ୍ୟାୟାଳୟ ତା.11 ମାର୍ଚ୍ଚ 1969ରିଖର ପୂର୍ବ ରାୟ ଏବଂ ଆଦେଶ ଅନୁଯାୟୀ, ଏହି ନ୍ୟାୟାଳୟ ନିମ୍ନଲିଖିତ ନିର୍ଦ୍ଦେଶ ଦେଇଥିଲେ:

> "ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ରଦ୍ଦ କରିଦିଆଯାଇଛି ଏବଂ କାର୍ଯ୍ୟାନୁଷ୍ଠାନଟିକୁ ତହସିଲଦାରଙ୍କ ନିକଟକୁ ପଠାଯାଇଛି ଏବଂ ନିର୍ଦ୍ଦେଶ ଦିଆଯାଇଛି ଯେ ସେ ନିର୍ଦ୍ଧାରଣ କରିବେ ଯେ ଦାଦାରାଓ ଯେଉଁ ତାରିଖ ପର୍ଯ୍ୟନ୍ତ ଜମି କ୍ରୟ କରିବାର ଅଧିକାର ପ୍ରୟୋଗ କରିବାକୁ ଦାବି କରିଥିଲେ ସେହି ତାରିଖ ପର୍ଯ୍ୟନ୍ତ ସେ ଜଣେ ସୁରକ୍ଷିତ ରୟତ ଭାବରେ ରହିଆସିଥିଲେ କି ନାହିଁ ଏବଂ ନିଭୃତି ଜଣେ ସୁରକ୍ଷିତ ରୟତର ଅଧିକାର ହାସଲ କରିଥିଲେ କି ନାହିଁ ଏବଂ ଯଦି ତାହା, ତେବେ ସେ ଜମି କ୍ରୟ କରିବାର ଅଧିକାର ପ୍ରୟୋଗ କରିବାକୁ ହକଦାର ଥିଲେ କି ନାହିଁ, ଏବଂ ଯଦି ଦାଦାରାଓ ଏବଂ ନିଭୃତି ଉଭୟ ଜମି କିମ୍ବା ତାହାର କୌଣସି ଅଂଶ କ୍ରୟ କରିବାକୁ ହକଦାର ଥିଲେ ତେବେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଅଧିକାର କେତେ ଥିଲା ଏବଂ କେତେ ପରିମାଣରେ ହକଦାର ଥିଲେ । ନ୍ୟାୟାଧିକରଣ ସର୍ବନିମ୍ନ କାର୍ଯ୍ୟତଃ ବିଳମ୍ବ ସହିତ ଏହି ପ୍ରଶ୍ନର ନିଷ୍ପତ୍ତି ନେବ ଏବଂ ଆଇନ ଅନୁଯାୟୀ ପକ୍ଷମାନଙ୍କ ଅଧିକାର ଏବଂ ଦାୟିତ୍ୱର ଫଏସଲା କରିବେ । ଖର୍ଚ୍ଚ ବିଷୟରେ କୌଣସି ଆଦେଶ ନାହିଁ " ।

ହାଇଦ୍ରାବାଦ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି ଅଧିନିୟମ, 1950 ଅନୁଯାୟୀ ସୁରକ୍ଷିତ ପ୍ରଜାସ୍ୱତ୍ୱ ଦାବି କରିବାର ଅଧିକାର ଏବଂ ସେଥିରୁ ନିସୃତ ଧାରା 38 ଅନୁଯାୟୀ ସୁବିଧା ସମ୍ପର୍କରେ ମୂଳ ଅପିଲକାରୀ ନିଭୃତି ଏବଂ ମୂଳ ଉତ୍ତରଦାତା ଦାଦାରାଓଙ୍କ ମଧ୍ୟରେ ବିବାଦ ଥିବାରୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା ।

ଭିର୍ ଜିଲ୍ଲାର ମୋମିନାବାଦ ତାଲୁକାର ପଠାନ୍ ମାଣ୍ଡୱା ଗାଁର ସର୍ବେକ୍ଷଣ ସଂଖ୍ୟା 73, ସୁତାରଦାରାରେ 10 ଏକର ଏବଂ 34 ଗୁଣ୍ଠ ଜମି ସହ ଜଡିତ ଏହି ବିବାଦ । ମୂଳ ଉତ୍ତରଦାତା ଉକ୍ତ ଜମି ସମ୍ବନ୍ଧିତ ଜଣେ ସୁରକ୍ଷିତ ରୟତ ବୋଲି ଦାବି କରିଥିଲେ । ସେ ଜଣେ ସୁରକ୍ଷିତ ରୟତ ଭାବରେ 1950-51ରୁ ତାଙ୍କ ସପକ୍ଷରେ ରାଜସ୍ୱ ପ୍ରବେଶ ତାଲିକା ଉପରେ ନିର୍ଭର କରିଥିଲେ । ପରବର୍ତ୍ତୀ ବର୍ଷଗୁଡ଼ିକର ରାଜସ୍ୱ ପ୍ରବେଶ ତାଲିକାଗୁଡ଼ିକର ସଂଶୋଧନ ପାଇଁ ସେ ଏକ ଆବେଦନ କରିଥିଲେ । ପରିଶେଷରେ, ପ୍ରବେଶ ତାଲିକାଗୁଡ଼ିକୁ ସଂଶୋଧନ କରାଯାଇଥିଲା ଏବଂ ଉକ୍ତ ଅଧିନିୟମର ଧାରା 34 ଅନୁଯାୟୀ ସୁରକ୍ଷିତ ରୟତ ଭାବେ ଡେପୁଟି କଲେକ୍ଟରଙ୍କ ଦ୍ୱାରା 19.12.56 ରେ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ଉକ୍ତ ଅଧିନିୟମର ଧାରା 37A ପ୍ରବର୍ତ୍ତନ କରାଯିବା ସମୟରେ ମୂଳ ଅପିଲକାରୀ ଉକ୍ତ ଜମି ଉପରେ ଅଧିକାର ରଖିଥିବା ଦାବି କରିଥିଲେ । ସେ 7 ସେପ୍ଟେମ୍ବର, 1957 ରେ 6 ଏକର ଏବଂ 16 ଗୁଣ୍ଠ ଜମି ସମ୍ବନ୍ଧିତ

ଧାରା 37 A ଅନୁଯାୟୀ ଏକ ସୁରକ୍ଷିତ ରୟତ ଭାବରେ ଏକ ପ୍ରମାଣପତ୍ର ପ୍ରାପ୍ତ କରିଛନ୍ତି । ଅପିଲକାରୀଙ୍କ ଅନୁଯାୟୀ, ଉକ୍ତ ଅଧିନିୟମର ଧାରା 37 Aର ପରନ୍ତୁକ ଅନୁଯାୟୀ ଉତ୍ତରଦାତାଙ୍କର ଅଧିକାର ଉଚ୍ଛେଦ ହୋଇଥାଏ ।

ପୁନଃପ୍ରେରଣ ପରେ ଜଣାପଡ଼ିଲା ଯେ, ଅପିଲକାରୀ ନିଭୃତି ଜଣେ ରୟତ ଭାବେ ଉକ୍ତ ଜମିକୁ 12.3.56 ରେ ଦାଖଲରେ ଥିଲେ । ଉତ୍ତରଦାତା ଦାଦାରାଓ ଧାରା 34 ଅନୁଯାୟୀ ଜଣେ ସୁରକ୍ଷିତ ରୟତ ଅଟନ୍ତି । ଆମକୁ ଯାଞ୍ଚ କରିବାକୁ ପଡ଼ିବ ଯେ, ଧାରା 37 A (1)ର ସର୍ତ୍ତାବଳୀ ଅନୁଯାୟୀ, ଯାହା ସେତେବେଳେ ଥିଲା, ଜଣେ ସୁରକ୍ଷିତ ରୟତ ଭାବରେ ଉତ୍ତରଦାତାଙ୍କର ଅଧିକାର ଉଚ୍ଛେଦ ହୋଇଛି କି ନାହିଁ । ଧାରା 37A, ପ୍ରାସଙ୍ଗିକ ସମୟରେ, ନିମ୍ନମତେ ଥିଲା :

> "37A(1) ଏହି ଅଧିନିୟମରେ ଯାହା କିଛି ଥିବା ସତ୍ତ୍ୱେ, ପ୍ରତ୍ୟେକ ବ୍ୟକ୍ତି ଯିଏ ହାଇଦ୍ରାବାଦ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି (ସଂଶୋଧନ) ଅଧିନିୟମ, 1955 ର ଆରମ୍ଭ ସମୟରେ ଯେକୌଣସି ଜମିକୁ ରୟତ ଭାବରେ ଧାରଣ କରନ୍ତି ଯାହା ବିଷୟରେ ସେ ଏହି ଅଧିନିୟମ ଅନୁଯାୟୀ ଏକ ସୁରକ୍ଷିତ ରୟତ ଭାବରେ ବିବେଚିତ ନୁହଁନ୍ତି, ତେବେ ସେ ଜଣେ ସୁରକ୍ଷିତ ରୟତ ଭାବରେ ବିବେଚିତ ହେବେ ଯଦି ଭୂମିଧାରୀଙ୍କ ମାଲିକାନାରେ ଥିବା ଜମିର ମୋଟ କ୍ଷେତ୍ରଫଳ ତାଙ୍କ ରୟତଙ୍କ ଚାଷ ଅଧୀନରେ ଥିବା ଜମି ସମେତ ସମ୍ପୃକ୍ତ ସ୍ଥାନୀୟ ଅଞ୍ଚଳର ଏକ ପରିବାରର ପରିମାଣ ଧାରଣ କ୍ଷେତ୍ରର ତିନିଗୁଣରୁ ଅଧିକ ହୁଏ;
>
> କିନ୍ତୁ ଏହି ଧାରାରେ ଥିବା କୌଣସି ବିଷୟ ଏପରି ଜମି ସମ୍ପର୍କରେ ପୂର୍ବରୁ ଏକ ସୁରକ୍ଷିତ ରୟତ ପ୍ରମାଣପତ୍ର ଧାରଣ କରିଥିବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଅଧିକାରକୁ ପ୍ରଭାବିତ କରିବ ନାହିଁ କିମ୍ବା ଯାହାଙ୍କ ଅଧିକାର ଏକ ସକ୍ଷମ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ତଦନ୍ତାଧୀନ ଅଛି, ଯଦି ଏପରି ସେହି ବ୍ୟକ୍ତି ହାଇଦ୍ରାବାଦ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି (ସଂଶୋଧନ) ଅଧିନିୟମ, 1955 ଆରମ୍ଭ ହେବା ଦିନଠାରୁ ଛଅ ମାସ ମଧ୍ୟରେ ତାଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ନ୍ୟାୟାଧିକରଣଙ୍କ ନିକଟରେ ଆବେଦନ କରନ୍ତି ।

ଏହି ଧାରା ହାଇଦ୍ରାବାଦ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି (ସଂଶୋଧନ) ଅଧିନିୟମ, 1955 କାରଣରୁ ପ୍ରବର୍ତ୍ତନ କରାଯାଇଥିଲା, ଯାହା 12.3.56 ରେ କାର୍ଯ୍ୟକାରୀ ହୋଇଥିଲା । ନୂତନ ଭାବରେ ଯୋଡା ହୋଇଥିବା ଧାରା 37A(1) ଅନୁଯାୟୀ, 12.3.56 ରେ ଯେକୌଣସି ଜମିକୁ ରୟତ ଭାବରେ ଧାରଣ କରିଥିବା ବ୍ୟକ୍ତି, ଯଦିଓ ଉକ୍ତ ସଂଶୋଧନ ଆଇନ ପୂର୍ବରୁ ସୁରକ୍ଷିତ ରୟତ ଭାବରେ ବିବେଚିତ ହୋଇନଥାନ୍ତି, ତାଙ୍କୁ 12 ମାର୍ଚ୍ଚ, 1956 ରେ ଏବଂ ତା'ପରଠାରୁ ଜମିର ସୁରକ୍ଷିତ ରୟତ ଭାବରେ ବିବେଚନା କରାଯିବ । ତଥାପି, ଧାରା 37A(1)ର ପରନ୍ତୁକ ସ୍ପଷ୍ଟ କରେ ଯେ ଧାରା ଧାରା 37A(1) କୌଣସି ବ୍ୟକ୍ତିଙ୍କ ଅଧିକାରକୁ ପ୍ରଭାବିତ କରିବ ନାହିଁ ଯିଏ ପୂର୍ବରୁ ଉକ୍ତ ଜମି ସମ୍ପର୍କରେ ଏକ ସୁରକ୍ଷିତ ରୟତ ଭାବରେ ପ୍ରମାଣପତ୍ର ଧାରଣ କରିଛନ୍ତି କିମ୍ବା ଯାହାଙ୍କ ଅସଂଶୋଧିତ ଅଧିନିୟମ ଅନୁଯାୟୀ ଏକ ସୁରକ୍ଷିତ ରୟତ ଭାବରେ ଅଧିକାର ଏକ ସକ୍ଷମ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ତଦନ୍ତାଧୀନ ଅଛି । ତେଣୁ ଜଣେ ସୁରକ୍ଷିତ ରୟତ ଭାବରେ ବିଦ୍ୟମାନ ଅଧିକାର ଏବଂ ଏକ ସୁରକ୍ଷିତ ରୟତ ଘୋଷିତ ହେବାର ବିଦ୍ୟମାନ ଅଧିକାର ସଂରକ୍ଷିତ ରହିବ ଯଦି ଏପରି ବ୍ୟକ୍ତି 12.3.56 ରୁ ଛଅ ମାସ ମଧ୍ୟରେ ତାଙ୍କ ଅଧିକାରର ସୁରକ୍ଷା ପାଇଁ ନ୍ୟାୟାଧିକରଣରେ ଆବେଦନ କରନ୍ତି ।

ଉଚ୍ଚ ନ୍ୟାୟାଳୟ ଏହି ଉପସଂହାର ପହଞ୍ଚିଛନ୍ତି ଯେ ଧାରା 37A କାର୍ଯ୍ୟକାରୀ ହେବା ସମୟରେ ଯେଉଁ ଉତ୍ତରଦାତାଙ୍କର ସଂରକ୍ଷିତ ରୟତ ଭାବେ ଦାବି ତଦନ୍ତାଧୀନ ଥିଲା, ଧାରା 37A(1)ର ପରନ୍ତୁକ ଆଧାରରେ ତାହାର

ଅଧିକାର ଉଚ୍ଛେଦ ହୋଇନାହିଁ । ଏକ ସୁରକ୍ଷିତ ରୟତ ଭାବରେ ଉତ୍ତରଦାତାଙ୍କ ଦାବି 12.3.56ରୁ ସମ୍ପୃକ୍ତ ସମୟ ମଧ୍ୟରେ ଏବଂ ତା'ପରେ ଛଅ ମାସ ପାଇଁ, ସେହି ନ୍ୟାୟାଧିକରଣ ସମ୍ମୁଖରେ ତଦନ୍ତ କରାଯାଉଥିଲା ଯେଉଁଠାରେ ଧାରା 37A(1) ର ପରନ୍ତୁକ ଅନୁଯାୟୀ ଏପରି ବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ଅଧିକାରର ସୁରକ୍ଷା ପାଇଁ ଆବେଦନ ବିଚାର କରାଯାଇଥାଏ । ତାଙ୍କର ଆବେଦନ ବାସ୍ତବରେ ତାଙ୍କ ଅଧିକାରର ସୁରକ୍ଷା ପାଇଁ ଏକ ଆବେଦନ ଥିଲା ।

'ନ୍ୟାୟାଧିକରଣ'କୁ ଉକ୍ତ ଅଧିନିୟମର ଧାରା 2(w) ଅନୁଯାୟୀ ସମ୍ପୃକ୍ତ ଅଞ୍ଚଳ ପାଇଁ ଧାରା 87 ର ଉପ-ଧାରା (1) ଅନୁଯାୟୀ ଗଠିତ "କୃଷି ଜମି ନ୍ୟାୟାଧିକରଣ" ଭାବରେ ପରିଭାଷିତ କରାଯାଇଛି । ଯେଉଁଠାରେ ଧାରା C2(w)(ii) ଅନୁଯାୟୀ ଏପରି କୌଣସି ନ୍ୟାୟାଧିକରଣ ଗଠନ କରାଯାଇ ନାହିଁ, ସେଠାକାର ଡେପୁଟି କଲେକ୍ଟର କିମ୍ବା ଧାରା 87 ର ଉପ-ଧାରା (4) ଅନୁଯାୟୀ କ୍ଷମତାପ୍ରାପ୍ତ ଅନ୍ୟ ଅଧିକାରୀ "ନ୍ୟାୟାଧିକରଣ" ହେବେ । ଧାରା 37A ର ପରନ୍ତୁକ ଏହିପରି ପରିଭାଷିତ "ନ୍ୟାୟାଧିକରଣ"କୁ କରଯାଉଥିବା ଏକ ଆବେଦନ ଉପରେ ବିଚାର କରେ । ବର୍ତ୍ତମାନର ମାମଲାରେ, ଯେହେତୁ ଉତ୍ତରଦାତାଙ୍କ ଦ୍ୱାରା ଜଣେ ସୁରକ୍ଷିତ ରୟତ ହେବାର ଦାବି ଡେପୁଟି କଲେକ୍ଟରଙ୍କ ଦ୍ୱାରା ତଦନ୍ତ କରାଯାଉଥିଲା, ଯିଏ ଧାରା 37A(1)ର ପରନ୍ତୁକ ଅନୁଯାୟୀ ନ୍ୟାୟାଧିକରଣ ମଧ୍ୟ ଥିଲେ, ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଏକ ପୃଥକ ଆବେଦନର ଆବଶ୍ୟକତା ନଥିଲା ଏବଂ ଏହି ପରିସ୍ଥିତିରେ, ଧାରା 37Aର ପରନ୍ତୁକ ଅନୁଯାୟୀ ଉତ୍ତରଦାତାଙ୍କ ଦ୍ୱାରା ସୁରକ୍ଷିତ ପ୍ରଜାସ୍ୱତ୍ୱ ଦାବି କରି ହୋଇଥିବା କାର୍ଯ୍ୟନୁଷ୍ଠାନର ଅନୁସରଣକୁ, ତାଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ନ୍ୟାୟାଧିକରଣ ନିକଟରେ ଏକ ଆବେଦନ ଭାବରେ ବିବେଚନା କରାଯାଇପାରିବ । ଏହାର ସମ୍ପୂର୍ଣ୍ଣ କାରଣ ହେଉଛି ଯେଉଁ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଆବେଦନ ବିଚାରାଧୀନ ଥିଲା, ସେ ଏହି ପରନ୍ତୁକ ଅନୁଯାୟୀ ନ୍ୟାୟାଧିକରଣ ଭଳି ସମାନ ଅଧିକାରୀ ଅଟନ୍ତି । ସେହି ସମାନ ନ୍ୟାୟାଧିକରଣ ଶେଷରେ ଉତ୍ତରଦାତାଙ୍କୁ 19.12.56 ରେ ସୁରକ୍ଷିତ ରୟତଙ୍କ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରମାଣପତ୍ର ଅନୁଯାୟୀ ପ୍ରଦାନ କରାଯାଇଥିବା ଅଧିକାରଗୁଡ଼ିକୁ ଏହି ପରିସ୍ଥିତିରେ ଉଚ୍ଛେଦ କରାଯାଇପାରିବ ନାହିଁ ।

ଅପିଲକାରୀଙ୍କ ଦ୍ୱାରା ଏହା ଦାଖଲ କରାଯାଇଥିଲା ଯେ ଧାରା 37A(1)ର ପରନ୍ତୁକ ଅନୁଯାୟୀ ଡେପୁଟି କଲେକ୍ଟର ନୁହଁନ୍ତି ବରଂ ତହସିଲଦାର ହିଁ ନ୍ୟାୟାଧିକରଣ ଥିଲେ । ତେଣୁ, ଉତ୍ତରଦାତା ଧାରା 37Aର ସର୍ତ୍ତାବଳୀର ଆବଶ୍ୟକତାକୁ ପୂରଣ କରନ୍ତି ନାହିଁ । ତଥାପି, ଉଚ୍ଚ ନ୍ୟାୟାଳୟ ତାଙ୍କର ଆକ୍ଷେପିତ ରାୟରେ ଦର୍ଶାଇଛନ୍ତି ଯେ, ଧାରା 37 Aର ପରନ୍ତୁକ ଅନୁଯାୟୀ ଯେଉଁ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ତାଙ୍କୁ କେବଳ 11.10.56ରେ ଅଧିସୂଚନା ଦ୍ୱାରା ତହସିଲଦାର ଭାବରେ ନିଯୁକ୍ତ କରାଯାଇଥିଲା । ପ୍ରାସଙ୍ଗିକ ସମୟରେ, କୌଣସି ଅଧିସୂଚନାର ଅନୁପସ୍ଥିତିରେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯଥାର୍ଥ ଭାବରେ କୁହାଗଲା ପରି ଧାରା 2(w)(ii) ପ୍ରଯୁଜ୍ୟ ହେବ । ସେହି ପ୍ରାସଙ୍ଗିକ ସମୟରେ ଡେପୁଟି କଲେକ୍ଟର ହିଁ ନ୍ୟାୟାଧିକରଣ ଥିଲେ ।

ଉକ୍ତ ପରିସରରେ ଉଚ୍ଚ ନ୍ୟାୟାଳୟ ମୂଳ ଉତ୍ତରଦାତାଙ୍କ ଦାବିକୁ ଯଥାର୍ଥ ଭାବେ ବଜାୟ ରଖିଛନ୍ତି । ତେଣୁ ଏହି ଅପିଲଟିକୁ ଖାରଜ କରାଯାଇଛି । ତେବେ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଟି. ଏନ୍. ଏ. ଅପିଲଟି ଖାରଜ କରାଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦକ : - ଭବାନୀ ଶଙ୍କର ନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**